# ପାକଶାଳା ବଗିଚାର ଆବଶ୍ୟକତା







ଲେଖିକା ଓ ସମ୍ପାଦିକା : ସୁମିତା ଆଚାର୍ଯ୍ୟ

କାର୍ଯ୍ୟକ୍ରମ ସଂଯୋଜକ : ନିରଞ୍ଜନ ଦାସ

## କୃଷି ବିଜ୍ଞାନ କେନ୍ଦ୍ର, ଅନୁଗୁଳ





# ପାକଶାଳା ବଗିଚାର ଆବଶ୍ୟକତା

ଲେଖିକା ଓ ସଂପାଦିକା:
ସୁମିତା ଆଚାର୍ଯ୍ୟ

ମୁଖ୍ୟ ସଂପାଦକ:
ନିରଞ୍ଜନ ଦାସ

କୃଷି ବିଜ୍ଞାନ କେନ୍ଦ୍ର, ଅନୁଗୁଳ
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର

ଶରୀରକୁ ଉପଯୁକ୍ତଭାବେ ବଳିଷ୍ଠ ଓ କର୍ମକ୍ଷମ ରଖିବାକୁ ହେଲେ ପୃଷ୍ଟିକାରକ ଖାଦ୍ୟ ଖାଇବା ଆବଶ୍ୟକ । ତେଣୁ ପ୍ରତ୍ୟେକ ଲୋକ ପ୍ରତିଦିନ ୩୦୦ ଗ୍ରାମ ତଟକା ପରିବା ଖାଇବା ଦରକାର ଯେଉଥିରୁ ଶାଗଜାତୀୟ ୧୨୦ ଗ୍ରାମ୍, ମଳା ଓ କନ୍ଦଜାତୀୟ ୯୦ ଗ୍ରାମ୍ ଓ ଅନ୍ୟାନ୍ୟ ୯୦ ଗ୍ରାମ୍ ହେବା ଉଚିତ୍ । ଏଥିରେ ଶ୍ୱେତସାର, ପୁଷ୍ଟିସାର ସହିତ ଅଧିକ ଧାତବ ଲବଣ ଓ ବିଭିନ୍ନ ଜିବନିକା (Vitamins) ରହିଥାଏ । ନିଜ ପରିବାରର ଆବଶ୍ୟକତା ମେଣ୍ଟାଇବା ପାଇଁ ଘରର ବାଡ଼ିରେ ଫଳ ଓ ପନିପରିବା ଚାଷ କରିବା ଦ୍ୱାରା ଆମେ ତଟକା ଏବଂ ଜୈବିକ ଉପାୟରେ ଚାଷ ହୋଇଥିବା ଖାଦ୍ୟ ଖାଇଥାଉ । ଏହିପରି ଭାବେ ଘରବାଡ଼ିରେ କରାଯାଉଥିବା ବଗିଚାର ଅନ୍ୟନାମ ପାକଶାଳା ବଗିଚା ।

## ପାକଶାଳା ବଗିଚାର ଆବଶ୍ୟକତା :

- ପରିବାର ଲାଗି କମ୍ ଖର୍ଚ୍ଚରେ ତଟକା ପରିବା ଯୋଗାଇଥାଏ ।
- ପାକଶାଳା ବଗିଚାରେ କାମ କରିବା ଦ୍ୱାରା ସ୍ୱାସ୍ଥ୍ୟ ଭଲ ରହେ ।
- ପିଲାମାନଙ୍କର ବୃକ୍ଷଲତା ସମ୍ବନ୍ଧୀୟ ଜ୍ଞାନ ବୃଦ୍ଧି ହୋଇଥାଏ ।
- ପରୀକ୍ଷାମୂଳକ ଭାବରେ ନୂଆ ନୂଆ ପନିପରିବା ଚାଷ କରି ବଡ଼ ଆକାରରେ କ୍ଷେତରେ କରାଯାଇଥାଏ ।
- ଘରର ସୌନ୍ଦର୍ଯ୍ୟ ବୃଦ୍ଧି ସହିତ ସୁସ୍ଥ ଜଳବାୟୁ ଯୋଗାଇଥାଏ ।
- ଗୃହର ଆବର୍ଜନା, ବ୍ୟବହାର କରୁଥିବା ଜଳ ଓ ପାକଶାଳାର ସମସ୍ତ ଅଦରକାରୀ ଜିନିଷ ବ୍ୟବହାରରେ ଲାଗିଥାଏ ।

ଫଳ ଓ ପନିପରିବା ଚାଷ ସହିତ ଆମେ ଫୁଲ ଚାଷ, ମହୁଚାଷ, ଛତୁଚାଷ, କିଆଖତ ପ୍ରସ୍ତୁତି ସହିତ କୁକୁଡ଼ା ଓ ଗୋପାଳନ କରିପାରିଲେ ଏକ ପରିପୁଷ୍ଟ ପାକଶାଳା ବଗିଚା ଗଠନ ହୋଇପାରିବ । ଘରର ସମସ୍ତଙ୍କ ପୁଷ୍ଟିସାଧନ ପାଇଁ ଏହି ବଗିଚା ସହାୟକ ହେବା ସହିତ ପରିବାରକୁ କିଛି ଆର୍ଥିକ ସହାୟତା ମଧ୍ୟ ଯୋଗାଇ ପାରିବ ।

# ପାକଶାଳା ବଗିଚାର ଆବଶ୍ୟକତା


ପାକଶାଳା ବଗିଚା କରିବା ପୂର୍ବରୁ ଚାଷୀ ଛତୁଚାଷ, ଫସଲ ପର୍ଯ୍ୟାୟ, ବୀଜବପନ, ଚାରାରୋପଣ, ଜଳସେଚନ, ସାର ଓ କୀଟମରା ଔଷଧ ପ୍ରୟୋଗ ଓ ଫସଲ ଅମଳ ବିଷୟରେ ଅବଗତ ଥିବା ନିତାନ୍ତ ଜରୁରୀ ଅଟେ । ୫-୬ ଜଣିଆ ପରିବାର ପାଇଁ ପନିପରିବା ଚାହିଦା ମେଣ୍ଟାଇବା ପାଇଁ ୨୦୦ ବର୍ଗମିଟର ଜମି ଯଥେଷ୍ଟ ଅଟେ । ଗାଈଗୋରୁ, ଛେଳି, ମେଣ୍ଢାଙ୍କ ଦାଉରୁ ରକ୍ଷା କରିବା ପାଇଁ ବଗିଚା ଚାରିପାଖରେ ଆବଦ୍ଧ କରିବା ଉଚିତ୍ ।

ଆଦର୍ଶ ପାକଶାଳା ବଗିଚା କରିବାକୁ ହେଲେ ନିମ୍ନଲିଖିତ ନିୟମ ପାଳନ କରାଯିବା ଆବଶ୍ୟକ ।

- ଜମିକୁ ଛୋଟ ଛୋଟ କିଆରିରେ (୨.୫ ମିଟର) ବିଭକ୍ତ କରି ପ୍ରତ୍ୟେକ କିଆରି ମଝିରେ ଜଳସେଚନ ଓ ନିଷ୍କାସନ ପାଇଁ ନାଳର ବ୍ୟବସ୍ଥା କରିବା ଆବଶ୍ୟକ ।
- ପାକଶାଳା ବଗିଚାର ଚାରିପାଖରେ ଅଳ୍ପଦିନିଆ ଗଛ ଯଥା- ଅମୃତଭଣ୍ଡା, ସଜନା, ଲେମ୍ବୁ, ପିଜୁଳି, ଭୃଷଙ୍ଗା ଇତ୍ୟାଦି ଗଛ ଲଗାଇବା ଆବଶ୍ୟକ ।
- ବଗିଚାର ବାଡ଼ରେ ଲତାଜାତୀୟ ପନିପରିବା କଖାରୁ, ପାଣିକଖାରୁ, ଲାଉ, ଜହ୍ନି, କାକୁଡ଼ି, ପୋଟଳ, କାଙ୍କଡ଼ ଇତ୍ୟାଦି ଲଗାଇବା ଦରକାର ।
- ଦୁଇ କିଆରି ହିଡ଼ରେ ମୂଳଜାତୀୟ ଫସଲ ଲଗାଇବା ଉଚିତ୍ ।
- ଫସଲ ଧାଡ଼ିରେ ଲଗାଇବା ସହିତ ମିଶ୍ରିତ ପ୍ରଣାଳୀରେ ଚାଷ କରାଯାଇଥାଏ । ଯେପରି ମୂଳା, ସାଲଗମ୍, ଗାଜର, ଲେଟ୍ୟୁସ ସହ ବନ୍ଧାକୋବି, ମଟର, ଟମାଟୋ, ବାଇଗଣ, ଲଙ୍କା ଆଦି ମଧ୍ୟରେ ଚାଷ କରାଯାଇପାରିବ ।
- ବର୍ଷର ସବୁ ସମୟରେ କିଆରି ପୂର୍ଣ୍ଣ ରହିଥାଏ । ଗୋଟାକ ପରେ ଆଉ ଗୋଟିଏ ଏହିପରି ନିରବଚ୍ଛିନ୍ନ ଭାବରେ ଚାଷ କରାଯାଇଥାଏ ।

## ଫସଲ ପର୍ଯ୍ୟାୟ

୨୦ ମି. X ୧୦ ମି.




ସ- ସଜନା  ଲେ- ଲେମ୍ବୁ  ଅ-ଅମୃତଭଣ୍ଡା

କ-କଦଳୀ  ଭୃ- ଭୃଷଙ୍ଗା  ଲ- ଲତାଜାତୀୟ ପରିବା

- ଗୃହର ଜୈବିକ ଆବର୍ଜନା, ବ୍ୟବହାର କରୁଥିବା ଜଳ ଓ ପାକଶାଳା ବଗିଚାର ଆବର୍ଜନା ବ୍ୟବହାର କରି ଗୋଟିଏ କୋଣରେ ଖତ କିମ୍ବା ଜିଆଖତ ପ୍ରସ୍ତୁତ କରାଯାଇଥାଏ ।
- ଉଦ୍ୟାନର ଗୋଟିଏ କୋଣରେ ଏକ ଛୋଟ ଛତୁଘର କରି ଦୈନିକ ଗୋଟିଏ କରି ପାଳଛତୁ, ଧିଙ୍ଗିରି ଛତୁ (ଋତୁ ଅନୁଯାୟୀ) ବେଡ଼ ପକାଇପାରିଲେ ଦୈନିକ ହାରାହାରି ଏକ କି.ଗ୍ରା ଛତୁ ସାରାବର୍ଷ ଅମଳ କରିପାରିବେ ।
- ଘରର ପଛପାଖ କିମ୍ବା ବଗିଚା ମଧ୍ୟରେ ଦୁଇଟି ମହୁବାକ୍ସ ବସାଇଲେ ବର୍ଷକୁ ହାରାହାରି ୧୦-୧୨ କି.ଗ୍ରା ମହୁ ଉତ୍ପାଦନ କରିପାରିବେ ।
- ବଗିଚା ଚାରିପାଖରେ ଫୁଲଗଛ କିମ୍ବା କୁଣ୍ଡରେ ଫୁଲ ଚାଷ କଲେ ପୂଜା କରିବା ପାଇଁ ପ୍ରତିଦିନ ଫୁଲ ପାଇପାରିବେ ।
- କୁକୁଡ଼ା ଓ ଗୋପାଳନ କରି ମାଂସ, ଅଣ୍ଡା, କ୍ଷୀର ମଧ୍ୟ ଉତ୍ପାଦନ କରାଯାଇପାରିବ ।

| | |
|---|---|
| ପଟାଳି-୧ | ବାଇଗଣ (ଅଗଷ୍ଟ-ମାର୍ଚ୍ଚ), ଶାଗ (ମାର୍ଚ୍ଚ- ମଇ) |
| ପଟାଳି-୨ | ଝୁଡ଼ଙ୍ଗ (ଜୁନ୍-ସେପ୍ଟେମ୍ବର), ବନ୍ଧାକୋବି (ଅକ୍ଟୋବର-ଫେବୃୟାରୀ) କଲରା (ମାର୍ଚ୍ଚ-ମଇ) |
| ପଟାଳି-୩ | ଟମାଟୋ (ଜୁଲାଇ-ନଭେମ୍ବର), ଶିମ୍ବ (ଡିସେମ୍ବର-ଫେବୃୟାରୀ), ଲେଉଟିଆ (ମାର୍ଚ୍ଚ-ଜୁନ୍) |
| ପଟାଳି-୪ | କାକୁଡ଼ି (ଜୁନ୍-ଅକ୍ଟୋବର), ଗାଜର (ନଭେମ୍ବର- ଜାନୁଆରୀ), ଲଙ୍କା (ଫେବୃୟାରୀ-ମଇ) |
| ପଟାଳି-୫ | କଖାରୁ (ମଇ-ସେପ୍ଟେମ୍ବର), ଫୁଲକୋବି (ଅକ୍ଟୋବର- ଜାନୁଆରୀ) କଲରା (ଫେବୃୟାରା-ଅକ୍ଟୋବର) |
| ପଟାଳି-୬ | ଭେଣ୍ଡି (ମଇ-ସେପ୍ଟେମ୍ବର), ମଟର (ଅକ୍ଟୋବର-ଫେବୃୟାରୀ), ଶାଗ (ମାର୍ଚ୍ଚ-ମଇ) |

| | |
|---|---|
| ପଟାଳି-୭ | ଚକଭୂଜ (ମାର୍ଚ୍ଚ-ମଇ), କାପସିକମ (ଜୁଲାଇ-ଅକ୍ଟୋବର), ପିଆଜ (ନଭେମ୍ବର-ଫେବୃୟାରୀ) |
| ପଟାଳି-୮ | ବାଇଗଣ (ଜୁଲାଇ-ସେପ୍ଟେମ୍ବର), ମୂଳା (ଅକ୍ଟୋବର-ଫେବୃୟାରୀ), ଶାଗ (ମାର୍ଚ୍ଚ-ମଇ) |
| ପଟାଳି-୯ | ବୋଇତିକଖାରୁ (ଏପ୍ରିଲ-ଅକ୍ଟୋବର), ଗୁଆଁର (ସେପ୍ଟେମ୍ବର-ଡିସେମ୍ବର), ଝୁଡ଼ଙ୍ଗ (ଜାନୁଆରୀ-ମାର୍ଚ୍ଚ) |
| ପଟାଳି-୧୦ | ଖଡ଼ା (ମାର୍ଚ୍ଚ-ମଇ), ଝୁଡ଼ଙ୍ଗ (ଜୁଲାଇ-ସେପ୍ଟେମ୍ବର), ଆଳୁ (ନଭେମ୍ବର-ଫେବୃଆରୀ) |
| ପଟାଳି-୧୧ | ବାଇଗଣ (ଜୁଲାଇ-ସେପ୍ଟେମ୍ବର), ମଟର (ଅକ୍ଟୋବର-ଡିସେମ୍ବର), ଟମାଟୋ (ଜାନୁଆରୀ-ମାର୍ଚ୍ଚ) |
| ଭେଣ୍ଡି-୧୨ | ଭେଣ୍ଡି (ଜୁନ୍-ସେପ୍ଟେମ୍ବର), ପିଆଜ (ଅକ୍ଟୋବର-ଜାନୁଆରୀ), ଲଙ୍କା (ଫେବୃଆରୀ- ମଇ) |

## ପାକଶାଳା ବଗିଚା ପାଇଁ ଉନ୍ନତ କିସମ ବିହନ

| | |
|---|---|
| ଅମୃତଭଣ୍ଡା: | କୁର୍ଗହନିଡ଼ିହ, କୋଏମ୍ବାଟୁର-୧, ହନିଡ଼ିହ, ପୁଷା ଜ୍ୟାଣ୍ଟ, ପୁଷା ନନ୍ହା |
| କଦଳୀ: | ଜି-୯, ଚମ୍ପା, କାବୁଲ, ପାଟକପୁରା, ବନ୍ତଳ |
| ଝୁଡ଼ଙ୍ଗ: | ପୁଷା ଦୋ ଫସଲି, ପୁଷା ବର୍ଷାତି, ଏସଇବି-୨, ସ୍ୱର୍ଣ୍ଣ |
| ବନ୍ଧାକୋବି: | ଗୋଲ୍ଡେନ୍ ଏକର, ଗ୍ରିନ୍ ଡାଇମଣ୍ଡ, ପ୍ରାଇଡ଼ ଅଫ ଇଣ୍ଡିଆ, ପୁଷା ଡ୍ରମ ହେଡ଼, ଗଙ୍ଗା ଗ୍ରୀନ୍, ଗ୍ରୀନ୍ ଏକ୍ସପ୍ରେସ୍, ଗ୍ରୀନ୍‌ବଲ |
| କଲରା: | ପୁଷା ଦୋମୌସୁମୀ, କୋଏମ୍ବାଟୁରଲଙ୍ଗ, ଆର୍କାହରିତ୍, ପ୍ରାଚୀ, ସୋନମ୍ |
| ଟମାଟୋ: | ଚିରଞ୍ଜିବୀ, ଉତ୍କଳକୁମାରୀ, ଉତ୍କଳଦିପ୍ତୀ, ପୁଷାରୁବି, ପଞ୍ଜାବକେଶରୀ |
| ଫରାସୀ ଶିମ୍ବ: | ପୁଷା ଆର୍ଲିଫର୍ଲଫିକ୍, ସିଓ-୧୦, ୧, ୨, ଡିଏଲଏଲ-୨ |
| କାକୁଡ଼ି: | ସୁପ୍ରିଆ, ଚଇତାଳି, ଜାପାନିଜ ଲଙ୍ଗଗ୍ରୀନ, ପ୍ରିୟା, ଲକି |

ଗାଜର: ପୁଷା କେଶର, ଇଣ୍ଡାମ ଆର-୧୩, ଅର୍ଲିନେଣ୍ଡସ୍, କୋରଲେସ୍

ଲଙ୍କା: ସୂର୍ଯ୍ୟମୁଖୀ, ପୁଷାଜ୍ୱାଳ, ଉତ୍କଳ ରଶ୍ମି, ଉତ୍କଳ ଆଭା

କଖାରୁ: ପୁଷା ହାଇବ୍ରିଡ୍-୧, ଭୈରବ, ଅର୍କଚନ୍ଦନ, ପୁଷା ବିକାଶ, ଅର୍କ ସୂର୍ଯ୍ୟମୁଖୀ

ଫୁଲକୋବି: ଅର୍ଲିକୁଆଁରୀ, ପୁଷା ଦିପାଳୀ, ଯର୍ଲି ସିନ୍ଥେଟିକ୍, କାର୍ତ୍ତିକା

ଭେଣ୍ଡି: ଉତ୍କଳ ଗୌରବ, ବର୍ଷା, ତାରା, ଗୀତାଞ୍ଜଳୀ

ମଟର: ଆର୍କେଲ, ବାନେଭିଲେ, ହରଭଜନ, ଏନ୍.ପି-୨୯, ଜେ.ପି-୪

ତରଭୁଜ: ସୁଗାରବେବି, ଅର୍କଜ୍ୟୋତି, ସୁଇଟ୍‌ହାର୍ଟ, ମାୟା, ମାଧୁରୀ

କାପ୍‌ସିକମ୍: ଆର୍କା ଗୌରବ, କାଲିଫର୍ଣ୍ଣିଆ ୱାଣ୍ଡର, ପୁଷାଦୀପ୍ତୀ, ନୂତନ, ହରିତ, ଅଲଙ୍କାର

ପିଆଜ: ନାସିକରେଡ୍, ଏନ-୫୩, ଅର୍ଲିଗ୍ରୋନ, ଅର୍କବିନ୍ଦୁ, ପୁଷାରେଡ୍

ବାଇଗଣ: ତାରିଣୀ, ଗ୍ରୀନ୍‌ଷ୍ଟାର, ବ୍ଲୁଷ୍ଟାର, ମୁକ୍ତକେଶୀ, ଉତ୍କଳ ମାଧୁରୀ

ମୂଳା: ଜାପାନିଜ୍ ହ୍ୱାଇଟ୍, ପୁଷା ଚେତକି, କଲ୍ୟାଣୀ ହ୍ୱାଇଟ୍, ପୁଷା ହିମାନି

ଗୁଆଁର: ପୁଷା ମୌସୁମୀ, ପୁଷା ନୌବାହାର, ପୁଷା ସଦାବାହାର

ଆଳୁ: କୁଫ୍ରି ସିନ୍ଦୁର, କୁଫ୍ରି ଚନ୍ଦ୍ରମୁଖୀ, କୁଫ୍ରି ଜ୍ୟୋତି, କେ-୨୨

ଗେଣ୍ଡୁଫୁଲ: ଜଏଣ୍ଟ ଡବଲ ଆଫ୍ରିକାନ୍ ଏଲୋ, ବେଙ୍ଗଲ ଏଲୋ, ବେଙ୍ଗଲ ଅରେଞ୍ଜ, ଜଏଣ୍ଟଡବଲ ଆଫ୍ରିକାନ ଅରେଞ୍ଜ

ଅମୃତଭଣ୍ଡା: କୁର୍ଗ ହନିଡିହ, ହନିଡିହ, କୋଏମ୍ବାଟୁର-୧, ପୁଷା ମାଜେଷ୍ଟି, ପୁଷା ଜାଏଣ୍ଟ

ସଜନା: ପି.କେ.ଏମ୍-୧, ପି.କେ.ଏମ୍-୨

କଦଳୀ: ବନ୍ତଳ, କାବୁଲି, ପାଟକପୁରା, ଚମ୍ପା, ରୋବଷ୍ଟା

ପୁଷ୍ଟିକର ବଗିଚାରେ ଉତ୍ପାଦିତ ପନିପରିବା ନିଜ ପରିବାରରେ ବ୍ୟବହୃତ ହେଉଥିବାରୁ ଜୈବିକ ଉପାୟରେ ରୋଗ ପୋକ ପ୍ରତିରୋଧକ ବ୍ୟବସ୍ଥା କରିବା ଉଚିତ୍ ।

**ଜୈବିକ ଉପାୟରେ ରୋଗପୋକ ଦମନ ପାଇଁ କେତେକ ଉପାଦେୟ ତଥ୍ୟ**

ଲିମ୍ବ: ୨୦ଗ୍ରାମ୍ ଚୋପାଛଡ଼ା ଲିମ୍ବ ମଞ୍ଜିଗୁଣ୍ଡ କରି ଏହାକୁ ଏକ କନାରେ ବାନ୍ଧି ୬ରୁ ୧୦ ଘଣ୍ଟା ପର୍ଯ୍ୟନ୍ତ ପାଣିରେ ବୁଡ଼ାଇ ରଖି ୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

୨୦ ମିଲି ଲିମ୍ବ ତେଲକୁ ସାମାନ୍ୟ ସର୍ଫ ସହ ମିଶାଇ ଫେଣ କରି ଉକ୍ତ ଫେଣକୁ ୧ ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚନ କରନ୍ତୁ ।

ମାଟିରୁ କୃମି ମାରିବା ପାଇଁ କଦଳୀ ଗଛ ପାଇଁ ୫୦ ଗ୍ରାମ୍, ହଳଦୀ ଓ ଅଦା ପାଇଁ ୨୫ ଗ୍ରାମ୍, ଟମାଟୋ ପାଇଁ ୧୫ ଗ୍ରାମ୍ ହିସାବରେ ଲିମ୍ବ ପିଡ଼ିଆକୁ ୫ ଲିଟର ପାଣିରେ ୧୨ ଘଣ୍ଟା ଭିଜାଇ ଛାଣି ଗଛରେ ସିଞ୍ଚନ କରନ୍ତୁ ।

କରଞ୍ଜ: କରଞ୍ଜ ପିଡ଼ିଆ ହେକ୍ଟର ପ୍ରତି ୨.୫ଟନ ହିସାବରେ ପ୍ରୟୋଗ କରାଯାଇ ଝାଉଁଳା ରୋଗ ଓ ଅନ୍ୟାନ୍ୟ ପୋକଦୂର କରନ୍ତୁ ।

ଧୂଆଁପତ୍ର: ୪୦୦ ଗ୍ରାମ୍ ଧୂଆଁପତ୍ରକୁ ୬ ଲିଟର ପାଣିରେ ଗୋଟିଏ ଦିନ ଭିଜାଇ ଚିପୁଡ଼ି ପାଣିକୁ ଛାଣି ରଖନ୍ତୁ । ୧ ଲିଟର ପାଣିରେ ୧୦୦ ଗ୍ରାମ୍ ସାବୁନ୍ ଗୁଣ୍ଡ ମିଶାଇ ଦିଅନ୍ତୁ । ଉଭୟ ମିଶ୍ରଣର ୫ରୁ ୬ଗୁଣ ପାଣି ମିଶାଇ ଗଛ ପତ୍ରରେ ସିଞ୍ଚନ କଲେ ପତ୍ର ଉକୁଣି, ଦହିଆ ପୋକ, ଆଫିଡ଼, ସାଁବାଳୁଆ ଇତ୍ୟାଦି ଦାଉରୁ ଫସଲକୁ ରକ୍ଷା କରନ୍ତୁ ।

ସୀତାଫଳ: ସୀତାଫଳ ମଞ୍ଜିକୁ ଗୁଣ୍ଡ କରି ୧ ଲିଟରେ ପାଣି ପ୍ରତି ୧୦ ଗ୍ରାମ୍ ହିସାବରେ ମିଶାଇ ପତ୍ର ସିଞ୍ଚନ କଲେ କାଣ୍ଡବିନ୍ଧା ଓ ଶୋଷକ ପୋକ ଝିଣ୍ଟିକା ଦାଉରୁ ରକ୍ଷା କରନ୍ତୁ ।

ବଣତୁଳସୀ: ବଣ ତୁଳସୀକୁ ଶୁଖାଇ ଗୁଣ୍ଡକରି, ପାଣିରେ ଭିଜାଇ ପତ୍ର ସିଞ୍ଚନ କଲେ ଶୋଷକ ପୋକ ଦାଉରୁ ରକ୍ଷା କରନ୍ତୁ ।

ଲଙ୍କା: ୧ ଲିଟର ପାଣିରେ ୧୦ ଗ୍ରାମ ହିସାବରେ ନାଲି ଲଙ୍କାଗୁଣ୍ଡ ମିଶାଇ ଶୋଷକ ପୋକ ଓ ଜଉପୋକ ଦମନ କରନ୍ତୁ ।

ପୁଷ୍ଟିକର ବଗିଚାରେ ଜୈବିକ ଉପାୟରେ ରୋଗପୋକ ଦମନ ସହିତ ଜୈବିକ ସାର ପ୍ରୟୋଗ କରିବା ଉଚିତ୍ । ପୁଷ୍ଟିକର ବଗିଚା ଏବଂ ପାକଶାଳାରୁ ବାହାରୁଥିବା ଜୈବିକ ପଦାର୍ଥକୁ ବ୍ୟବହାର କରି ଗୋବର ଖତ, କମ୍ପୋଷ୍ଟ ଖତ ଏବଂ ଜିଆଖତ ଉତ୍ପାଦନ କରାଯାଇପାରିବ । ଏଣୁ ପ୍ରତ୍ୟେକ ଚାଷୀ ପୁଷ୍ଟିକର ବଗିଚା ସହିତ ଗୃହପାଳିତ ପଶୁପାଳନ ମଧ୍ୟ କରିବା ଆବଶ୍ୟକ । ଏହି ବଗିଚାରେ ବର୍ଜ୍ୟବସ୍ତୁର ବ୍ୟବହାର । ପୁନଃ ଚକ୍ରାକର ପଦ୍ଧତି ଦ୍ୱାରା ପୁଷ୍ଟିକର ଓ ପ୍ରଦୂଷଣମୁକ୍ତ ଖାଦ୍ୟ ଉତ୍ପାଦନ କରାଯାଇପାରିବ । ଜିଆ ଖତ ହେକ୍ଟର ପିଛା ୨.୫ ଟନ୍ ହିସାବରେ ପ୍ରୟୋଗ କରାଗଲେ ଉତ୍ପାଦନ ୨ ଗୁଣ ବଢ଼ିଥାଏ ।

କୃଷି ଉତ୍ପାଦନ କେନ୍ଦ୍ର, ଅନୁଗୋଳ ତରଫରୁ ୧୦ଟି ପୁଷ୍ଟିକର ବଗିଚାର ନମୁନା ପ୍ରଦର୍ଶନ କରାଯାଇଥିଲା । ଉକ୍ତ ପ୍ରଦର୍ଶନ ୧୦ ଜଣ ମହିଳା ଚାଷୀ ନିଜର ବାଡ଼ି ବଗିଚାରେ ସଫଳଭାବରେ କରିଥିଲେ । ସେମାନଙ୍କୁ ଟମାଟୋ ଚାରା (କିସମ ଚିରଞ୍ଜିବି), ବାଇଗଣ ଚାରା (କିସମ : ତାରିଣି, ଲଙ୍କା ଚାରା (ଶ୍ୟାମ ହଟ୍), ଧନିଆ, ପାଳଙ୍ଗ ମଞ୍ଜି କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଯୋଗାଇ ଦିଆଯାଇଥିଲା । ବର୍ଷସାରା କରାଯାଉଥିବା ଫସଲ ପର୍ଯ୍ୟାୟ, ବୈଜ୍ଞାନିକ ପ୍ରଣାଳୀରେ ଚାଷ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକଙ୍କ ପରାମର୍ଶକ୍ରମେ ହୋଇଥିଲା । ଅନ୍ୟାନ୍ୟ ମଞ୍ଜି ଓ ଚାରା ଠିକ୍ ସମୟରେ ଏବଂ ଉପଯୁକ୍ତ କିସମ ସମ୍ବନ୍ଧୀୟ ଜ୍ଞାନ ମଧ୍ୟ ଯୋଗାଇ ଦିଆଯାଇଥିଲା । ପ୍ରତ୍ୟେକ ପରିବାରର ଦୈନନ୍ଦିନ ପନିପରିବାର ଆବଶ୍ୟକତା ଏହି ବଗିଚା ଯୋଗାଇବାରେ ସକ୍ଷମ ହୋଇପାରିଥିଲା । ପରିବାର ଲୋକମାନେ ନିଜର ରୁଚି, ଅନୁଯାୟୀ ତଟକା ପରିବା ଖାଇବା ସହିତ କିଛି ଉପାର୍ଜନ କରିବାର ସୁଯୋଗ ମଧ୍ୟ ପାଇଥିଲେ । ପ୍ରତିଦିନ ହାରାହାରି ଟ୫୦.୦୦ ପିନିପରିବା ନିଜ ପରିବାର

ପାଇଁ ପାଇବା ସହିତ ଗ୍ରାମରେ ପାଖପଡ଼ୋଶୀଙ୍କୁ ବିକ୍ରି କରି ଟ୧୦୦୦-୨୦୦୦ ପର୍ଯ୍ୟନ୍ତ ସେମାନେ ରୋଜଗାରକ୍ଷମ ହୋଇପାରିଛନ୍ତି । ନୂଆସାହି, ବାରଗୌଣିଆ ଓ କୁସାସିଙ୍ଗା ଗ୍ରାମର ଏହି ସଫଳ କ୍ଷେତ୍ର ପ୍ରଦର୍ଶନ ଅନ୍ୟ ମହିଳାମାନଙ୍କୁ ମଧ୍ୟ ପୁଷ୍ଟିକର ବଗିଚା କରିବା ପାଇଁ ପ୍ରେରଣା ଯୋଗାଇ ଦେଇଛି ।

| କିସମ | ହେକ୍ଟର ପ୍ରତି | ଖର୍ଚ୍ଚ | ଆୟ | ଲାଭ |
|---|---|---|---|---|
| ଟମାଟୋ (ଚିରଞ୍ଜିବି) | ୨୮୫ କୁଇଣ୍ଟାଲ | ୫୫,୦୦୦ | ୧,୧୨,୫୦୦ | ୫୪,୮୦୦ |
| ବାଇଗଣ (ତାରିଣି) | ୨୩୬ କୁଇଣ୍ଟାଲ୍ | ୫୬,୦୪୭ | ୧,୮୯,୪୪୦ | ୧,୩୩,୨୯୩ |
| ଲଙ୍କା (ଶ୍ୟାମହାଟ) | ୧୨୨ କୁଇଣ୍ଟାଲ | ୫୫,୦୦୦ | ୯୭,୬୦୦ | ୪୨,୬୦୦ |

ପୁଷ୍ଟିକର ବଗିଚା ଘରର ସୌନ୍ଦର୍ଯ୍ୟ ବର୍ଦ୍ଧନ ସଙ୍ଗେ ସନ୍ଧ୍ୟା ସମୟରେ ନିର୍ମଳ ବାୟୁ ସେବନର ସୁଯୋଗ ମଧ୍ୟ ପ୍ରଦାନ କରିଥାଏ । ପନିପରିବା ସହିତ, ଅମୃତଭଣ୍ଡା, ସଜନା, କଦଳୀ ଇତ୍ୟାଦି ମହିଳାମାନଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଦୂର କରିବାରେ ସହାୟକ ହୋଇଥାଏ । ଫୁଲ ଏବଂ ମହୁ ଚାଷ ପୁଷ୍ଟିକର ବଗିଚାର ଶୋଭା ବଢ଼ାଇବା ସହିତ ଅମଳ ବୃଦ୍ଧି କରିବାରେ ମଧ୍ୟ ସାହାଯ୍ୟ କରିଥାଏ ।




पौष्टिक उद्यान
NUTRITION GARDEN

